# NATIONAL NEWS BULLETIN (ODIA)

**8 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ରାଜ୍ୟସଭା ଆଜି ଦିନକ ପାଇଁ ଓ ଲୋକସଭା ଅପରାହ୍ଣ ୩ଟା ଯାଏଁ ମୁଲତବୀ ।

- ଉଭୟ ସଦନରେ ଭାରତଛାଡ ଆନ୍ଦୋଳନର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ।

- ସାର କଳାବଜାରୀ ରୋକିବା ଦିଗରେ ରାଜ୍ୟଗୁଡ଼ିକୁ କ୍ଷମତାପ୍ରଦାନ କରାଯାଇଥିବା ଲୋକସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ ।

- ବିହାରର ସୀତାମାଡି ଜିଲ୍ଲାର ପୁନୌରା ଧାମରେ ଆଜି ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟର ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ସବ୍‌ଜୁନିୟର ଜାତୀୟ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାର ଚତୁର୍ଥ ସଂସ୍କରଣ ଆରମ୍ଭ ।

# ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ୍

ରାଜ୍ୟସଭା ଆଜି ମଧ୍ୟ ଦିନକ ପାଇଁ ମୁଲତବୀ ରହିଛି । ବିରୋଧୀଦଳ ଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ନେଇ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ମୁଲତବୀ ଘୋଷଣା କରାଯାଇଛି । ପ୍ରଥମ ମୁଲତବୀ ପରେ ପୂର୍ବାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀଦଳ ଗୁଡ଼ିକ ପକ୍ଷରୁ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନେଇ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଗୃହରେ ଅଧ୍ୟକ୍ଷତା କରୁଥିବା ଘନଶ୍ୟାମ ତିୱାରୀ ପ୍ରଶ୍ନକାଳ ଚଳାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନଙ୍କ ହଟ୍ଟଗୋଳ ମଧ୍ୟରେ ତାହା ସମ୍ଭବ ହୋଇନଥିଲା । ଏଭଳି ପରିସ୍ଥିତିରେ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା । ରାଜ୍ୟସଭାର ପରବର୍ତ୍ତୀ କାର୍ଯ୍ୟଦିବସ ଆସନ୍ତା ୧୧ ତାରିଖରେ ବସିବ ।

ଆଜି ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଭାରତଛାଡ ଆନ୍ଦୋଳନରେ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପ୍ରତି ସଦନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ କହିଥିଲେ ଆସନ୍ତାକାଲି ଅଗଷ୍ଟ ୯ ତାରିଖରେ ଦେଶ ଭାରତଛାଡ ଆନ୍ଦୋଳନର ୮୩ତମ ବାର୍ଷିକୀ ପାଳନ କରିବାକୁ ଯାଉଛି । ଦେଶକୁ ସ୍ୱାଧୀନତା ଦେବା କ୍ଷେତ୍ରରେ ଅବିଶ୍ରାନ୍ତ ସଂଗ୍ରାମରେ ଭାରତଛାଡ ଆନ୍ଦୋଳନ ଏକ ପ୍ରମୁଖ ପ୍ରସଙ୍ଗ ଥିଲା । ସେ କହିଛନ୍ତି ଜାତିର ଜନକ ମହାତ୍ମା ଗାନ୍ଧୀ ୧୯୪୨ ମସିହାରେ ବ୍ରିଟିଶ ଶାସନ ଲୋପ କରିବା ନିମନ୍ତେ ଦେଶବାସୀଙ୍କୁ ଦୃଢ଼ ବାର୍ତ୍ତା ଦେଇଥିଲେ । ଉପାଧ୍ୟକ୍ଷ କହିଛନ୍ତି ସେ ବିଭିନ୍ନ

ରାଜନୈତିକ ଦଳ ପକ୍ଷରୁ ୨୦ଟି ସ୍ଥଗିତାଦେଶ ନୋଟିସ୍ ପାଇଥିଲେ ମଧ୍ୟ ସେଗୁଡ଼ିକୁ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଖାରଜ କରାଯାଇଛି । ଗୃହକୁ ସୁରୁଖୁରୁରେ ଚଳାଇବା ଲାଗି ଉପାଧ୍ୟକ୍ଷ ବିରୋଧୀ ସଦସ୍ୟମାନଙ୍କୁ ନିଜନିଜ ଆସନକୁ ଫେରିଯାଇ ଆଲୋଚନାରେ ଅଂଶଗ୍ରହଣ କରିବା ଲାଗି ଆହ୍ୱାନ ଦେଇଥିଲେ । ସେ କହିଥିଲେ ରାଜ୍ୟସଭାରେ କ୍ରମାଗତ ଭାବେ ବିରୋଧ ପ୍ରଦର୍ଶନ ଯୋଗୁଁ ୫୬ଘଣ୍ଟା ସମୟ ନଷ୍ଟ ହୋଇ ସାରିଛି । ତେବେ ହଟ୍ଟଗୋଳ ଜାରି ରହିବାରୁ ପୂର୍ବାହ୍ନ ୧୨ଟା ପର୍ଯ୍ୟନ୍ତ ଉପାଧ୍ୟକ୍ଷ ହରିବଂଶ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

ଲୋକସଭାକୁ ଆଜି ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସମାନ ପ୍ରସଙ୍ଗ ନେଇ ମୁଲତବୀ ଘୋଷଣା କରାଯାଇଛି । ପ୍ରଥମ ମୁଲତବୀ ପରେ ଦିନ ୧୨ଟାରେ ଗୃହ ଏକତ୍ର ହେବା ପରେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନେଇ ବିରୋଧୀ ଦଳଗୁଡ଼ିକ ପ୍ରବଳ ହଟ୍ଟଗୋଳ କରିଥିଲେ । ସେମାନେ ଏହି ପ୍ରସଙ୍ଗରେ ଆଲୋଚନା ଦାବିକରି ପ୍ରଦର୍ଶନ କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା କ୍ରିଷ୍ଣ ପ୍ରସାଦ ଟେନେତି ବିରୋଧୀ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହକାର୍ଯ୍ୟରେ ସହଯୋଗ କରିବା ଲାଗି ଅନୁରୋଧ କରିଥିଲେ । ବିରୋଧୀ ସଦସ୍ୟମାନଙ୍କ ଆଚରଣ ଗ୍ରହଣୀୟ ନୁହେଁ ବୋଲି କହିବା ସହ ଶୂନ୍ୟକାଳ ଚଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । ଫଳରେ ଲୋକସଭାକୁ ଆଜି ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପୀଠାସୀନ ଅଧିକାରୀ ମୁଲତବୀ ଘୋଷଣା କରିଥିଲେ ।

ପୂର୍ବରୁ ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ଭାରତଛାଡ ଆନ୍ଦୋଳନରେ ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

**V/O (Om Birla Quit India Moments)**

ଜାମ୍ମୁ-କାଶ୍ମୀରର ପୂର୍ବତନ ରାଜ୍ୟପାଳ ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ସତ୍ୟପାଲ ମଲ୍ଲିକଙ୍କ ବିୟୋଗରେ ମଧ୍ଯ ରାଜ୍ୟସଭା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

**V/O (Om Birla Satyapal Mallick)**

---

# ଲୋକସଭା – ନଡ୍ଡା

ଦେଶରେ ସାର ଗଚ୍ଛିତ ରଖିବା ଏବଂ ଏହାର କଳାବଜାରୀ ରୋକିବା ଦିଗରେ ସରକାର ପ୍ରତିବଦ୍ଧ ବୋଲି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା କହିଛନ୍ତି । ଆଜି ଲୋକସଭାରେ ପ୍ରଶ୍ନୋତ୍ତର କାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ନଡ୍ଡା କହିଛନ୍ତି ସାରକୁ ଅତ୍ୟାବଶ୍ୟକ ଦ୍ରବ୍ୟ ଭାବେ ଘୋଷଣା କରାଯାଇଛି ଏବଂ ରାଜ୍ୟଗୁଡ଼ିକୁ ଏହାର କଳାବଜାରୀ ରୋକିବା ଏବଂ ମହଜୁଦ ରଖିବା ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା ଲାଗି କ୍ଷମତା ପ୍ରଦାନ କରାଯାଇଛି । ସେ କହିଛନ୍ତି ଏ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିରନ୍ତର ଚଢ଼ଉ କରାଯିବା ସହ ପଦକ୍ଷେପ ଗ୍ରହଣ କରାଯାଉଛି ।

ଅନ୍ୟପକ୍ଷରେ ରାଜ୍ୟଗୁଡ଼ିକ ଜିଲ୍ଲାସ୍ତରରେ ସାର ଯୋଗାଣ ଓ ବଣ୍ଟନ ଆବଶ୍ୟକତା ଅନୁସାରେ ସ୍ଥିରୀକୃତ କରିବେ ବୋଲି ସେ କହିଛନ୍ତି । ନେପାଳ,

ବାଂଲାଦେଶ ଏବଂ ମ୍ୟାଁମାର ସୀମାରେ ସାର କଳାବଜାରୀ ରୋକିବା ଲାଗି ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ସେ ଗୃହକୁ ଜଣାଇଛନ୍ତି ।

## ଏଲ୍‌ଏସ୍‌-ଅନୁପ୍ରିୟା ହେଲ୍‌ଥ

ଲୋକସଭାରେ ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ରାଜ୍ୟଗୁଡ଼ିକୁ ଆର୍ଥିକ ଓ ପ୍ରଯୁକ୍ତିବିଦ୍ୟାଗତ ସହାୟତା ଯୋଗାଇ ଦିଆଯାଉଛି । ଫଳରେ ରାଜ୍ୟଗୁଡ଼ିକ ଭିତ୍ତିଭୂମି ସୁଦୃଢ଼ କରିବା ସହ ଆବଶ୍ୟକ ମାନବସମ୍ବଳ ଯୋଗାଇ ପାରିବେ । ଲୋକସଭାରେ ପ୍ରଶ୍ନୋତ୍ତର କାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଜନସ୍ୱାସ୍ଥ୍ୟ ଏବଂ ଡାକ୍ତରଖାନା ପରିଚାଳନା ରାଜ୍ୟର ବିଷୟବସ୍ତୁ, ତେଣୁ ଏଥିରେ ନିଯୁକ୍ତି ସମ୍ବନ୍ଧୀୟ ସମସ୍ତ କ୍ଷମତା ରାଜ୍ୟ ସରକାରଙ୍କ ଠାରେ ନ୍ୟସ୍ତ କରାଯାଇଛି । ଅନ୍ୟଏକ ପ୍ରଶ୍ନର ଉତ୍ତରରେ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ନରେନ୍ଦ୍ର ମୋଦୀ ସରକାର ବିଶେଷଜ୍ଞ ଡାକ୍ତରମାନଙ୍କ ସଂଖ୍ୟା ବୃଦ୍ଧି କରିବା ଲାଗି ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି । ଡାକ୍ତର ଅଭାବ ପୂରଣ କରିବା ଲାଗି ୧୫୭ଟି ନୂଆ ମେଡ଼ିକାଲ କଲେଜ ଖୋଲାଯାଇଥିବା ସେ ଗୃହକୁ ସୂଚନା ଦେଇଛନ୍ତି ।

## ପିଏମ୍‌-ଜାମ୍ମୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମାଧ୍ୟମରେ ଆସନ୍ତା ରବିବାର ଦିନ ଅମ୍ରିତସରରୁ ମା' ବୈଷ୍ଣୋଦେବୀ ମଧ୍ୟରେ ନୂତନ ବନ୍ଦେ ଭାରତ ଟ୍ରେନ୍ ସେବାର ଉଦ୍‌ଘାଟନ କରିବେ । ଆମ ଆକାଶବାଣୀ ଜାମ୍ମୁ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ ବନ୍ଦେ ଭାରତ ଟ୍ରେନ୍ ମା' ବୈଷ୍ଣୋଦେବୀ ମନ୍ଦିର କାଟ୍ରାଠାରୁ ଅମ୍ରିତସର ମଧ୍ୟରେ ଚଳାଚଳ କରିବ । ମଙ୍ଗଳବାର ବ୍ୟତୀତ ଏହି ଟ୍ରେନ୍ ସପ୍ତାହରେ ୬ ଦିନ ଚଳାଚଳ କରିବ । କାଟ୍ରାରୁ ଯାତ୍ରା କରିବାକୁଥିବା ବନ୍ଦେ ଭାରତ ଟ୍ରେନ୍‌ଟି ସକାଳ ୬ଟା ୪୦ରେ ଯାତ୍ରା କରି ଅମ୍ରିତସରରେ ଦିନ ୧୨ଟା ୨୦ ମିନିଟ୍‌ରେ ପହଞ୍ଚିବ ।

କାଟ୍ରା ଓ ଅମ୍ରିତସର ମଧ୍ୟରେ ଟ୍ରେନ୍‌ଟି ଜାମ୍ମୁ, ପଠାଣକୋଟ କ୍ୟାମ୍ପ, ଜଳନ୍ଧର ସହର, ବ୍ୟାସ ଆଦି ସ୍ଥାନରେ ରହଣି କରିବ । ପରେ ସେହି ଟ୍ରେନ୍‌ଟି ଅପରାହ୍ଣ ୪ଟା ୨୫ ମିନିଟ୍‌ରେ ଅମ୍ରିତସରରୁ ବାହାରି ରାତି ୧୦ଟାରେ କାଟ୍ରାରେ ପହଞ୍ଚିବ । ଇତିମଧ୍ୟରେ ଉତ୍ତର ରେଳବାଇ ଅନନ୍ତନାଗ ରେଳ ଷ୍ଟେସନକୁ ସାମଗ୍ରୀ ପରିବହନ ନିମନ୍ତେ ଖୋଲିଛି । ଏକ ବିବୃତ୍ତିରେ ରେଳବାଇ ପକ୍ଷରୁ କୁହାଯାଇଛି କାଶ୍ମୀର ଉପତ୍ୟକାରେ ବ୍ୟବସାୟକୁ ସହଜ କରିବା ଏବଂ ସୁରୁଖୁରୁରେ ସାମଗ୍ରୀ ପରିବହନ କରିବା ଲାଗି ଅନନ୍ତନାଗ ରେଳ ଷ୍ଟେସନକୁ ପୁନଶ୍ଚ କାର୍ଯ୍ୟକ୍ଷମ କରାଯାଇଛି । ସୂଚନା ଅନୁଯାୟୀ ଅନନ୍ତନାଗ ରେଳଷ୍ଟେସନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ପେଟ୍ରୋଲିୟମ୍ ଉତ୍ପାଦ ବ୍ୟତୀତ ଅନ୍ୟ ସମସ୍ତ ପ୍ରକାରର ସାମଗ୍ରୀ ଅନନ୍ତନାଗ ରେଳ ଷ୍ଟେସନ୍ ଦେଇ ପରିବହନ କରାଯିବ । ଏହାଦ୍ୱାରା କାଶ୍ମୀରର ଉଦ୍ୟାନ କୃଷି ଏବଂ ହସ୍ତଶିଳ୍ପ ଉତ୍ପାଦର ବ୍ୟବସାୟକୁ ଅଧିକ ସୁଯୋଗ ମିଳିପାରିବ । ସ୍ଥାନୀୟ ବ୍ୟବସାୟୀମାନେ କମ୍ ପରିବହନ ଖର୍ଚ୍ଚ ଏବଂ ଦ୍ରୁତ ବିତରଣ ବ୍ୟବସ୍ଥାର ଲାଭ ପାଇପାରିବେ । ରେଳବାଇର ଏହି ନିଷ୍ପତ୍ତିକୁ ସ୍ଥାନୀୟ ଶିଳ୍ପ ସଂଗଠନ ଏବଂ ବାସିନ୍ଦାମାନେ ସ୍ୱାଗତ କରିଛନ୍ତି ।

## ଇସ୍ରଏଲ – ଗାଜା

ଇସ୍ରାଏଲର ସୁରକ୍ଷା କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଗାଜା ସହରକୁ ଅଧିକାର କରିବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛି । ଏହାସହିତ କ୍ୟାବିନେଟ୍ ଗାଜାରେ ଚାଲିଥିବା ଯୁଦ୍ଧର ଅନ୍ତ ପାଇଁ ୫ଟି ନୀତି ଗ୍ରହଣ କରିବା ସକାଶେ ମଧ୍ୟ ସହମତ ହୋଇଛି । ୫ଟି ନୀତି ମଧ୍ୟରେ ରହିଛି ହମାସ୍‌ର ନିରସ୍ତ୍ରୀକରଣ, ଶରଣାର୍ଥୀମାନଙ୍କ ଉଦ୍ଧାର, ଗାଜାରୁ ସମ୍ପୂର୍ଣ୍ଣ ସୈନ୍ୟ ଅପସାରଣ, ଗାଜା ଉପରେ ଇସ୍ରାଏଲର ନିୟନ୍ତ୍ରଣ ଏବଂ ଗାଜାରେ ହମାସ୍ ଓ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷଙ୍କୁ ବାଦ୍ ଦେଇ ଏକ ନିରପେକ୍ଷ ପ୍ରଶାସନ ବ୍ୟବସ୍ଥା ପ୍ରଚଳନ । ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଦେଇଥିବା ଏହି ପ୍ରସ୍ତାବ ଦ୍ୱାରା ଗାଜାରେ ଯୁଦ୍ଧର ଅନ୍ତ

ହୋଇପାରିବ ବୋଲି ସୁରକ୍ଷା କ୍ୟାବିନେଟ୍ ଆସ୍ଥାପ୍ରକଟ କରିଛନ୍ତି । ପୂର୍ବରୁ ଜାତିସଂଘ ଇସ୍ରାଏଲର ସୈନ୍ୟ କାରବାର ବୃଦ୍ଧିକୁ ନେଇ ଚେତାବନୀ ଦେଇଥିଲେ । ଇସ୍ରାଏଲର ସୈନ୍ୟ କାରବାର ପାଲେଷ୍ଟାଇନ୍‌ର ସାଧାରଣ ନାଗରିକ ଓ ଇସ୍ରାଏଲର ପଣବନ୍ଦୀଙ୍କ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଥିଲା ।

## ସବ୍ ଜୁନିୟର ବକ୍ସିଂ ଚାମ୍ପିୟନସିପ୍

ଉତ୍ତରପ୍ରଦେଶର ଗ୍ରେଟର ନଏଡାରେ ଗତକାଲି ସବ୍ ଜୁନିୟର ଜାତୀୟ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାର ଚତୁର୍ଥ ସଂସ୍କରଣ ଆରମ୍ଭ ହୋଇଛି । ପ୍ରଥମ ଦିନରେ ପ୍ରାୟ ୮୦ଜଣ ଖେଳାଳି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ । ମହିଳା ବର୍ଗରେ ହିମାଚଳ ପ୍ରଦେଶର ହିତେଶ ନହର, ହରିୟାଣାର ଗରିମା ଏବଂ ମଣିପୁରର ନାଓମି କୋମ୍ ବିଜୟ ହାସଲ କରିଛନ୍ତି । ସିକ୍କିମର ମାନ୍ୟତା ଛେତ୍ରୀ ଏବଂ ଗୋଆର ଲାବନ୍ୟ ପାଟିଲ ଉନ୍ନତମାନର ଖେଳ ପ୍ରଦର୍ଶନ କରିଛନ୍ତି । ସେହିପରି ପୁରୁଷ ବର୍ଗରେ ରାଜସ୍ଥାନର ଆର୍ଯ୍ୟନ ଶେଖାୱତ, ବିହାରର ରେହନ ଅଂଶାରୀ ଏବଂ ହିମାଚଳ ପ୍ରଦେଶର ଅନମୋଲ ଶର୍ମା ବିଜୟହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ୧୩ରୁ ୧୪ବର୍ଷ ବୟସ ବର୍ଗର କ୍ରୀଡ଼ାବିତ୍‌ମାନେ ପ୍ରଦର୍ଶନ କରୁଛନ୍ତି । ଏଥିରେ ୪ଶହ ବାଳକ ଏବଂ ୩୦୦ ବାଳିକା କ୍ରୀଡ଼ାବିତ୍ ୧୫ଟି ଓଜନ ବର୍ଗରେ ଭାଗ ନେଇଥିବା ଜଣାପଡିଛି ।